২৫ ফেব্রুয়ারী ২০২২ খুতবা জুম্মার সারাংশ

ସ୍ଥାନ - ମସଜିଦ ମୁବାରକ୍ ଇସଲାମାବାଦ୍, ଲଣ୍ଡନ

ହଜରତ ଅବୁବକର୍ ସିଦ୍ଦିକ୍ ର.ଅଙ୍କର ଏହି ସମ୍ପ୍ରଦାୟ ଉପରେ ଏଭଳି ମହୋପକାର ରହିଛି ଯାହାର କୃତଜ୍ଞତା ଜ୍ଞାପନ କରିବା ସମ୍ଭବପର ନୁହେଁ । ଯଦି ଆପଣର.ଅ ସମସ୍ତ ସାହାବାମାନଙ୍କୁ ଏକତ୍ରିତ କରି ଏହି ଆୟତ ଶୁଣାଇ ନଥାନ୍ତେ ଯେ ସମସ୍ତ ଅବତାରମାନଙ୍କର ପରଲୋକ ହୋଇଯାଇଛି ତେବେ ଏହି ସମ୍ପ୍ରଦାୟ ସମୂଳେ ନଷ୍ଟ ହୋଇ ଯାଇଥାଆନ୍ତା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମା ବାଦ୍‌ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ହଜୁର ଅନଓ୍ୱରଅ.ବ କହିଲେ; ହଜରତ ଅବୁବକର ର.ଅଙ୍କ ଜୀବନୀ ଚର୍ଚ୍ଚା ଚାଲିଥିଲା । ହଜରତ ମୁହମ୍ମଦସ.ଅ ହଜ୍ଜତୁଲ୍ ଓ୍ୱିଦା (ଅନ୍ତିମ ହଜ୍) ନିମନ୍ତେ ଗୁରୁବାର ଅବା ଶନିବାର ଦିନ ଅର୍ଥାତ ଜି-କାଆଦାଃ ମାସର ଛ' ଦିନ ପୂର୍ବରୁ ପ୍ରସ୍ଥାନ କଲେ । ସେହି ଅବସରରେ ହଜରତ ଅବୁବକରର.ଅ କହିଲେ; ହେ ଅଲ୍ଲାଃଙ୍କ ରସୁଲସ.ଅ ! ମୋ ନିକଟରେ ଏକ ଓଟ ଅଛି । କ'ଣ ଆମେ ସେଥିରେ ନିଜ ଯାତ୍ରା ପାଇଁ ସାମଗ୍ରୀ ଲଦି ଦେବୁ । ଆପଣସ.ଅ କହିଲେ, ହଁ ଏହିପରି କରିନିଅ । ମାର୍ଗରେ ହିଁ ହଜରତ ଅବୁବକର ର.ଅଙ୍କ ଦାସ ଅଧୀନରୁ ଉକ୍ତ ଓଟଟି ହଜିଗଲା ସେତେବେଳେ ଆପଣର.ଅ ତାହାକୁ ମାରିବାକୁ ଉଠିଲେ କିନ୍ତୁ ହଜୁରସ.ଅ ସ୍ମିତ ହାସ୍ୟ ପ୍ରକାଶ କରି କହିଲେ; ଦେଖ ଏ ଜଣେ ମୁହରିମ୍ (ହଜ୍‌କାରୀ) ହୋଇ କ'ଣ କରିବାକୁ ଯାଉଛନ୍ତି । ସାହାବାମାନଙ୍କୁ ଯେତେବେଳେ ହଜୁର ସ.ଅଙ୍କ ଯାତ୍ରା ସାମଗ୍ରୀ ହଜି ଯିବାର ଖବର ମିଳିଲା ସେତେବେଳେ ସେମାନେ ଅଟା, ଖଜୁରୀ ଓ ଘିଅ ଆଦିର ଏକ ସ୍ୱାଦିଷ୍ଟ ହଲଓ୍ୱା 'ହୈସ' ପ୍ରସ୍ତୁତ କରି ଆପଣଙ୍କ ସେବାରେ ଉପସ୍ଥାପନ କଲେ । ହଜୁରସ.ଅ ହଜରତ ଅବୁବକର ର.ଅଙ୍କୁ ତାଙ୍କ କ୍ରୀତଦାସ ଉପରେ ଉତ୍ୟକ୍ତ ହେବାକୁ ବାରଣ କଲେ ଏବଂ କହିଲେ; ହେ ଅବୁବକର ! ନମ୍ରତା ପ୍ରଦର୍ଶନ କର । ପରବର୍ତ୍ତୀ ସମୟରେ ହଜରତ ସଫଓ୍ୱାନ୍ ବିନ୍ ମୌତଲ୍ର.ଅ ଯେ କି ସେହି ଦଳର ପଛ ପଛେ ଆସୁଥିଲେ । ସେ ଯେତେବେଳେ ସେହି ଦଳ ସହିତ ଆସି ମିଳିତ ହେଲେ, ତାଙ୍କ ସାଥିରେ ସେହି ହଜି ଯାଇଥିବା ଓଟଟି ମଧ୍ୟ ଥିଲା ।

ହଜ୍ଜତୁଲ୍ ଓ୍ୱିଦା ଯାତ୍ରା ସମୟରେ ଜୁଲ୍ ହୁଲୈଫା ସ୍ଥାନରେ ହଜରତ ଅବୁବକର ର.ଅଙ୍କ ସାଥିରେ ଆପଣଙ୍କ ପତ୍ନୀ ଅସ୍‌ମା ବିନତ୍ ଅମିସ୍‌ଙ୍କ ଔରସରୁ ମୁହମ୍ମଦ ବିନ୍ ଅବୁବକର ଜନ୍ମ ଗ୍ରହଣ କଲେ । ହଜୁରସ.ଅ କହିଲେ; ହେ ଅସ୍‌ମା ! ତୁମେ ସ୍ନାନ କରିନିଅ ଏବଂ ହଜ୍‌ର ଏହରାମ୍ (ବସ୍ତ୍ର) ପରିଧାନ କରିନିଅ । ମନେରଖ ତୁମେ ବୈତୁଲ୍ଲାଃର ପରିକ୍ରମା କରିବା ବ୍ୟତୀତ ହଜ୍‌ର ବାକି ସମସ୍ତ ଉପାସନା ସମ୍ପାଦନ କରିପାରିବ ।

ଯେତେବେଳେ ହଜୁରସ.ଅ ଅସଫାନ୍ ଉପତ୍ୟକା ମଧ୍ୟ ଦେଇ ଅତିକ୍ରମ କଲେ ସେତେବେଳେ ଆପଣ ହଜରତ ଅବୁବକର ର.ଅଙ୍କୁ ହଜରତ ହୁଦ୍ ଓ ହଜରତ ସାଦ୍ ର.ଅଙ୍କର ଶାରୀରିକ ଗଠନ ପ୍ରସଙ୍ଗରେ ଦର୍ଶାଇ କହିଲେ, ସେମାନେ ଏହି ସ୍ଥାନରୁ ତଲବିୟା ଆବୃତି କରି ବୈତୁଲ୍ଲାଃ (ହଜ୍ କରିବାକୁ) ଯାଇଥିଲେ ।

ହଜ୍ଜତୁଲ୍ ଓ୍ୱିଦା ଅବସରରେ ଯେଉଁମାନେ ନିଜ ସାଥିରେ ବଳି ଦେବାର ଜୀବ ଘେନି ଆଣିଥିଲେ । ସେମାନଙ୍କ ମଧ୍ୟରେ ହଜରତ ଅବୁବକରର.ଅ ମଧ୍ୟ ସାମିଲ ଥିଲେ ।

ହଜରତ ମୁହମ୍ମଦସ.ଅ ନିଜ ଅନ୍ତିମ ବ୍ୟାଧିରେ ପୀଡ଼ିତ ଥିବା ସମୟରେ ଆଦେଶ ଦେଲେ; ଅବୁବକର ର.ଅଙ୍କୁ

କୁହ ଯେ ସେ ମୁସଲମାନମାନଙ୍କୁ ନମାଜ ପଢାନ୍ତୁ । ହଜରତ ଆଏଶାର.ଅ ଏହି ଚିନ୍ତା କରି ଯେ ସମ୍ଭବତଃ ହଜୁର ସ.ଅଙ୍କ ସ୍ଥାନରେ ହଜରତ ଅବୁବକରର.ଅ ଛିଡ଼ା ହେଲେ ନିଜ ଉପରେ ନିୟନ୍ତ୍ରଣ ରକ୍ଷା କରି ପାରିବେ ନାହିଁ । ହଜରତ ହଫ୍‌ସା ର.ଅଙ୍କୁ କହିଲେ, ଆପଣ ହଜରତ ଉମର ର.ଅଙ୍କୁ ନମାଜ ପଢାଇବାକୁ କହି ଦିଅନ୍ତୁ । କିନ୍ତୁ ହଜୁରସ.ଅ ଏହି କଥାକୁ ନାପସନ୍ଦ କଲେ ଏବଂ କହିଲେ, ଅବୁବକର ର.ଅଙ୍କୁ କହିଦିଅ ଯେ ସେ ମୁସଲମାନମାନଙ୍କୁ ନମାଜ ପଢାନ୍ତୁ । ସେହି ଦିନରେ ଏକଦା ଆପଣସ.ଅ କିଛି ମାତ୍ରାରେ ସୁସ୍ଥତା ଅନୁଭବ କରିବାରୁ ମସଜିଦ୍ ଚାଲି ଆସିଲେ । ସେତେବେଳେ ହଜରତ ଅବୁବକରର.ଅ ନମାଜ ପଢାଉ ଥିଲେ, ହଜୁର ସ.ଅଙ୍କୁ ଦେଖି ଆପଣର.ଅ ପଛକୁ ହଟିଯିବାକୁ ଚେଷ୍ଟା କଲେ । କିନ୍ତୁ ହଜୁରସ.ଅ ତାଙ୍କୁ ଏପରି କରିବାକୁ ବାରଣ କଲେ ଏବଂ ତାଙ୍କ ସାଥିରେ ବସି ପଡ଼ିଲେ । ହଜରତ ଅବୁବକରର.ଅ ହଜୁର ସ.ଅଙ୍କ ସାଥିରେ ନମାଜ ପାଠ କଲେ ଏବଂ ପଛରେ ମୁସଲମାନମାନେ ହଜରତ ଅବୁବକର ର.ଅଙ୍କ ଇମାମତ୍‌ରେ ନମାଜ ପାଠ କଲେ ।

ସହି ବୁଖାରୀରେ ଉଲ୍ଲେଖ ରହିଛି, ଯେଉଁ ଦିନ ହଜୁର ସ.ଅଙ୍କର ନିଧନ ହେଲା । ସେହି ଦିନ ହଜୁରସ.ଅ ନିଜ ଗୃହର ପରଦା ଉଠାଇଲେ ଏବଂ ନମାଜୀମାନଙ୍କୁ ଦେଖି ସ୍ମିତ ହାସ୍ୟ ପ୍ରକାଶ କଲେ । ହଜରତ ଅବୁବକରର.ଅ ଏହି ଚିନ୍ତା କଲେ, ଯେ ଏଥର ହଜୁରସ.ଅ ନମାଜ ପଢାଇବାକୁ ଆସିଯିବେ । ଅତଏବ ଆପଣର.ଅ ପଛକୁ ହଟିବାକୁ ଚେଷ୍ଟା କଲେ । କିନ୍ତୁ ହଜୁରସ.ଅ ତାଙ୍କୁ ଇଙ୍ଗିତ (ଇଶାରା) କରି ମନା କଲେ । ତା'ପରେ ପରଦା ପକାଇ ଦେଲେ ।

ଯେତେବେଳେ ହଜୁର ସ.ଅଙ୍କର ନିଧନ ହେଲା ସେତେବେଳେ ଆପଣର.ଅ ମଦିନାର ନିକଟବର୍ତ୍ତୀ ଏକ ଗ୍ରାମ ସନାଃ ବସ୍ତି ଆଡ଼କୁ ଚାଲି ଯାଇଥିଲେ । ଏହି ମର୍ମନ୍ତିକ ଖବର ଶୁଣି ହଜରତ ଉମରର.ଅ ଛିଡ଼ା ହୋଇ କହିଲେ, ଅଲ୍ଲାଃଙ୍କ ରାଣ ! ହଜୁର ସ.ଅଙ୍କର ଦେହାନ୍ତ ଘଟି ନାହିଁ । ଇତି ମଧ୍ୟରେ ହଜରତ ଅବୁବକରର.ଅ ଆସି ପହଂଚିଗଲେ ଏବଂ ସେ ହଜୁର ସ.ଅଙ୍କ ପବିତ୍ର ମୁଖମଣ୍ଡଳରୁ କପଡ଼ା ଉଠାଇ ଚୁମ୍ବନ ଦେଲେ । ସେଥିଅନ୍ତେ ହଜୁର ସ.ଅଙ୍କ ପବିତ୍ର ମର ଶରୀରକୁ ସମ୍ବୋଧିତ କରି କହିଲେ; ମୋ ପିତାମାତା ଆପଣଙ୍କ ଉପରେ ଉତ୍ସର୍ଗ ହୁଅନ୍ତୁ । ଆପଣସ.ଅ ଜୀବିତ ଥିବା ଅବସ୍ଥାରେ ସ୍ୱଚ୍ଛ ଓ ପବିତ୍ର ଥିଲେ ଏବଂ ସ୍ୱଚ୍ଛ ଓ ପବିତ୍ର ଅବସ୍ଥାରେ ଏହି ଇହଧାମ ତ୍ୟାଗ ମଧ୍ୟ କରିଛନ୍ତି । ମୁଁ ସେହି ପରମ ସତ୍ତାଙ୍କ ଶପଥ କରି କହୁଛି ଯାହାଙ୍କ ଅଧୀନରେ ମୋର ଜୀବନ ନାଟିକା ରହିଛି ! ଐଶ୍ୱର୍ଯ୍ୟମୟ ପ୍ରଭୁ କଦାପି ଆପଣଙ୍କୁ ଦୁଇଟି ମୃତ୍ୟୁ ପ୍ରଦାନ କରିବେ ନାହିଁ । ସେଥିଅନ୍ତେ ହଜରତ ଅବୁବକରର.ଅ ବାହାରକୁ ଚାଲି ଆସିଲେ ଏବଂ ହଜରତ ଉମର ର.ଅଙ୍କୁ ସମ୍ବୋଧିତ କରି କହିଲେ; ହେ ଶପଥକାରୀ ଟିକେ ରହିଯାଅ । ତା'ପରେ ଆପଣ ପ୍ରଭୁଙ୍କ ମହିମା ଗାନ କରି କହିଲେ; **ଦେଖ ଯେ କେହି ହଜରତ ମୁହମ୍ମଦ ସ.ଅଙ୍କୁ ପୂଜୁ ଥିଲା ସେ ଶୁଣିନେଉ ଯେ ହଜରତ ମୁହମ୍ମଦ ସ.ଅଙ୍କର ତ' ନିଧନ ହୋଇ ଯାଇଛି । କିନ୍ତୁ ଯେ ସର୍ବଶକ୍ତିମାନ ଅଲ୍ଲାଃଙ୍କର ଉପାସନା କରୁଥିଲା ତେବେ ତାହାକୁ ସ୍ମରଣ ରଖିବା ଉଚିତ୍ ଯେ ସେହି ପବିତ୍ର ପରାକ୍ରମୀ ସତା ଜୀବିତ ଏବଂ ଚିରଞ୍ଜୀବୀ । ତାଙ୍କୁ ମୃତ୍ୟୁ କଦାପି ନିଜ ବଶବର୍ତ୍ତୀ କରିପାରିବ ନାହିଁ ।** ସେଥିଅନ୍ତେ ଆପଣ ଏହି ଆୟତ ଆବୃତ୍ତି କଲେ ଇନ୍ନକା ମୈଇତୁଉଁ ଓ୍ୱଇନ୍ନହୁମ୍ମ ମୈଇତୁନ୍ ଅର୍ଥାତ ତୁମେ ମଧ୍ୟ ମୃତ୍ୟୁ ଲଭିବ ଏବଂ ସେମାନେ ମଧ୍ୟ ଏହି ଇହଧାମରୁ ବିଦାୟ ନେଇଯିବେ । ପୁନଶ୍ଚ ଏହି ଆୟତ ଆବୃତ୍ତି କଲେ ଓମା ମୁହମ୍ମଦୁନ୍ ଇଲ୍ଲା ରସୁଲ କଦ୍ ଖଲତ୍ ମିନ୍ କବଲିହିର୍ ରୁସୁଲ । ଅଫଇମ୍ ମାତା ଅଓ୍ୱ କୁତିଲନ୍ କଲବତୁମ୍ ଅଲା ଆକାବିକୁମ୍... (ସୁରେଃ ହଜ୍) ଅର୍ଥାତ ମୁହମ୍ମଦସ.ଅ କେବଳ ଜଣେ ଅବତାର ଥିଲେ । ଆପଣଙ୍କ ପୂର୍ବରୁ ସମସ୍ତ ଅବତାରମାନଙ୍କର ପରଲୋକ ହୋଇଯାଇଛି । କ'ଣ ଯଦି ସେ ମୃତ୍ୟୁ ବରଣ କରନ୍ତି ଅବା ହତ୍ୟା କରି ଦିଆଯାଆନ୍ତି ତେବେ ତୁମେମାନେ ନିଜ ଗୋଇଠି ବଳରେ ସ୍ୱଧର୍ମକୁ ଛାଡ଼ି ଚାଲିଯିବ ?... ଏହା ଶୁଣି ଲୋକମାନେ ଏଭଳି ରୋଦନ କଲେ, ଯେ ଚର୍ତୁଃପାର୍ଶ୍ୱରେ ତାଙ୍କର ହେଙ୍କା ଗୁଞ୍ଜରିତ ହୋଇ ଉଠିଲା । ହଜରତ ଇବନେ ଅବ୍‌ବାସ୍ର.ଅ କୁହନ୍ତି; ମୁଁ ଅଲ୍ଲାଃଙ୍କ ଶପଥ କରି କହୁଛି ! ଏହା ଏପରି ପ୍ରତୀତ ହେଉଥିଲା ଯେମିତି ଲୋକମାନେ ଏହି ଆୟତ ସେହିଦିନ ହିଁ ହଜରତ ଅବୁବକର ର.ଅଙ୍କ ଠାରୁ ଶିଖିଲେ । ତା'ପରେ ଲୋକମାନଙ୍କ ମଧ୍ୟରୁ ମୁଁ ଯାହାଙ୍କୁ ଦେଖୁଥିଲି ସେ ଏହି ଆୟତ ହିଁ ଆବୃତ୍ତି କରୁଥିଲା ।

ହଜରତ ମୁସଲେହ ମଉଦ[ର.ଅ] କୁହନ୍ତି; ଯେତେବେଳେ ହଜରତ ଅବୁବକର[ର.ଅ] ଉପରୋକ୍ତ ଆୟତ ଆବୃତ୍ତି କଲେ ସେତେବେଳେ ସାହାବାମାନଙ୍କ ଉପରେ ବାସ୍ତବତା ଉନ୍ମୋଚିତ ହୋଇଗଲା ଏବଂ ସେମାନେ ଅଥୟ ଅଧୈର୍ଯ୍ୟ ହୋଇ ରୋଦନ କରିବା ଆରମ୍ଭ କରିଦେଲେ । ହଜରତ ଉମର[ର.ଅ] ସ୍ୱୟଂ କୁହନ୍ତି; ମୋତେ ଏପରି ପ୍ରତୀତ ହେଉଛି ଯେପରି ଏହି ଦୁଇ ଆୟତ ଆଜି ହିଁ ଅବତୀର୍ଣ୍ଣ ହୋଇଛି ଏବଂ ମୋ ମସ୍ତକକୁ ବହନ କରିବାକୁ ମୋ ଆଣ୍ଠୁରେ ଆଉ ବଳ ନାହିଁ । ମୋ ପାଦ ଟଳମଳ ହେଉଥିଲା ଏବଂ ମୁଁ ଏକ ଜୋରଦାର ଧକ୍କା ଖାଇ ତଳେ ପଡ଼ି ଯାଇଥିଲି ।

ଏହି ଦୃଷ୍ଟିକୋଣରୁ ଏହା ହିଁ ମୁସଲମାନମାନଙ୍କ ପ୍ରଥମ ସର୍ବସମ୍ମତି (ଇଜ୍‌ମା) ଥିଲା । ହଜରତ ମୁସଲେହ ମଉଦ[ର.ଅ] କୁହନ୍ତି; ଏହା ହିଁ ସାହାବାଙ୍କର ଗୋଟିଏ ମାତ୍ର ଇଜ୍‌ମା ଥିଲା । କାରଣ ସେତେବେଳେ ସମସ୍ତ ସାହାବାମାନେ ଉପସ୍ଥିତ ଥିଲେ ଏବଂ ବାସ୍ତବ ପକ୍ଷେ ଏଭଳି ପରିସ୍ଥିତିର ମୁସଲମାନମାନେ ପୂର୍ବରୁ କଦାପି ସମ୍ମୁଖୀନ ହୋଇ ନଥିଲେ ଯେତେବେଳେ କି ସେମାନେ ସଭିଏଁ ଏପରି ଏକତ୍ରିତ ହୋଇଥିବେ । **ଏହି ଇଜ୍‌ମାରେ ଯେତେବେଳେ ହଜରତ ଅବୁବକର[ର.ଅ] ଉକ୍ତ ଆୟତ ପାଠ କଲେ ସେତେବେଳେ ସମସ୍ତ ସାହାବାଗଣ ଆପଣଙ୍କ କଥାରେ ଏକମତ ହୋଇ ଯାଇଥିଲେ ।**

ହଜରତ ମସିହ ମଉଦ[ଅ.ସ] ଏହି ପରିପ୍ରକ୍ଷୀରେ କୁହନ୍ତି; ହଜରତ ଅବୁବକର୍ ସିଦ୍ଦିକ୍ (ସତ୍ୟବାଦୀ) [ର.ଅ]ଙ୍କର ଏହି ସମ୍ପ୍ରଦାୟ ଉପରେ ଏଭଳି ମହୋପକାର ରହିଛି ଯାହାର କୃତଜ୍ଞତା ଜ୍ଞାପନ କରିବା ସମ୍ଭବପର ନୁହେଁ । ଯଦି ସେ ସମସ୍ତ ସାହାବାମାନଙ୍କୁ ମସଜିଦ୍ ନବୀରେ ଏକତ୍ରିତ କରି ଏହା ଶୁଣାଇ ନଥାନ୍ତେ ଯେ ଅତୀତର ସମସ୍ତ ଅବତାରମାନେ ମୃତ୍ୟୁ ବରଣ କରିସାରିଛନ୍ତି ତେବେ ଏହି ସମ୍ପ୍ରଦାୟ ସମୂଳେ ନଷ୍ଟ ହୋଇ ଯାଇଥାନ୍ତା । କାରଣ ଏପରି ଅବସ୍ଥାରେ ସେହି ଯୁଗର ବିଭ୍ରାଟକାରୀ ଧର୍ମଗୁରୁମାନେ ଏକଥା ନିଶ୍ଚିତ ବାଢ଼ି ଦେଇଥାନ୍ତେ ଯେ ସାହାବାଙ୍କର ମଧ୍ୟ ଏହି ବିଶ୍ୱାସ ଥିଲା, ଯେ ହଜରତ ଇଶା ମସିହ ଜୀବିତ ଅଛନ୍ତି । କିନ୍ତୁ ସର୍ବଶ୍ରେଷ୍ଠ ସତ୍ୟବାଦୀ (ହଜରତ ଅବୁବକର) ଆଲୋଚ୍ୟ ଆୟତ ଉପସ୍ଥାପନ କରି ସମସ୍ତ ସାହାବାଗଣଙ୍କର ଇଜ୍‌ମା କରିସାରିଛନ୍ତି ଯେ ସମସ୍ତ ଅବତାରମାନଙ୍କର ପରଲୋକ ହୋଇଯାଇଛି

ହଜରତ ଅବୁବକର [ର.ଅ]ଙ୍କ ଖିଲାଫତ୍ ସମ୍ପର୍କରେ ବର୍ଣ୍ଣନା ମିଳୁଛି, ଯେତେବେଳେ ସାହାବାମାନଙ୍କୁ ହଜରତ ମୁହମ୍ମଦ [ସ.ଅ]ଙ୍କ ଦେହାନ୍ତର ଖବର ମିଳିଲା ସେମାନେ ଅନସାରର କବିଲା ସକିଫା ବନି ସାଆଦାଃ ଠାରେ ଏକତ୍ରିତ ହେଲେ ଏବଂ ହଜରତ ସାଦ ବିନ୍ ଅବାଦାଃ [ର.ଅ]ଙ୍କୁ ଖିଲାଫତ୍ ଆସନ ନିମନ୍ତେ ଉପଯୁକ୍ତ ମଣିଲେ । କିନ୍ତୁ ପ୍ରଶ୍ନ ଉଠୁଥିଲା ଯେ, ଯଦି ପ୍ରବାସକାରୀ ତାଙ୍କୁ ସ୍ୱୀକାର ନକରନ୍ତି ଅର୍ଥାତ ତାଙ୍କର ବୈଅତ ନକରନ୍ତି ତେବେ କ'ଣ ହେବ ? ଶେଷରେ ଏହି ପରାମର୍ଶ କଲେ ଯେ ଜଣେ ଅନସାରମାନଙ୍କ ମଧ୍ୟରୁ ଏବଂ ଆଉ ଜଣେ ପ୍ରବାସକାରୀଙ୍କ ମଧ୍ୟରୁ ଖଲିଫା ହେବା ପ୍ରଯୁଜ୍ୟ ହେବ । କିନ୍ତୁ ହଜରତ ସାଦ ବିନ୍ ଅବାଦାଃ[ର.ଅ] ତାହାକୁ ବନୁ ଅଓ୍ୱସ୍‌ର ଦୁର୍ବଳତା ଦର୍ଶାଇଲେ ।

ଯେତେବେଳେ ଅନସାରମାନେ କବିଲା ସକିଫା ବନି ସାଆଦାଃ ଠାରେ ଏକତ୍ରିତ ଥିଲେ । ହଜରତ ଉମର[ର.ଅ], ହଜରତ ଅବୁ ଅବାଦାଃ[ର.ଅ] ଓ ଅନ୍ୟ ବଡ଼ ବଡ଼ ସାହାବାମାନେ ହଜୁର [ସ.ଅ]ଙ୍କ ନିଧନରେ ମର୍ମାହତ ଥିଲେ ଏବଂ ମସଜିଦ୍ ନବୀରେ ଏକତ୍ରିତ ହୋଇ ଏହି ମହାବିପତି ଓ ଶୋକାକୂଳ ପରିସ୍ଥିତି ପ୍ରସଙ୍ଗରେ ଆଲୋଚନା କରୁଥିଲେ, ଯେତେବେଳେ କି ହଜରତ ଅବୁବକର[ର.ଅ], ହଜରତ ଉମର[ର.ଅ], ହଜରତ ଅଲୀ[ର.ଅ] ଓ ଅନ୍ୟ ସାହାବାମାନେ ହଜୁର [ସ.ଅ]ଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ କରିବାରେ ବ୍ୟସ୍ତ ଥିଲେ ।

ଯେତେବେଳେ ପ୍ରବାସକାରୀ ସାହାବାମାନଙ୍କୁ ଅନସାରମାନଙ୍କ ଖଲିଫା ଚୟନ କରିବାର ଏହି ଏକତ୍ରିକରଣର ସୂଚନା ମିଳିଲା ସେତେବେଳେ ହଜରତ ଅବୁବକର[ର.ଅ], ହଜରତ ଉମର[ର.ଅ] ଓ ହଜରତ ଅବୁ ଅବାଦାଃ[ର.ଅ] ସକିଫା ବନି ସାଆଦାଃରେ ପହଂଚିଲେ । **ସେଠାରେ ସେମାନେ ଖିଲାଫତ୍ ପ୍ରସଙ୍ଗରେ ବାର୍ତାଲାପ କରୁଥିଲା, ଅତଏବ ହଜରତ ଅବୁବକର[ର.ଅ] ସେହିସ୍ଥଳେ ଏକ ପ୍ରଭାବଶାଳୀ ଓ ଭବ୍ୟ ଅଭିଭାଷଣ ଦେଲେ ।** ଯେଉଁଥିରେ ଆପଣ ଆରବମାନଙ୍କ ପୂର୍ବ ଅବସ୍ଥା ଓ ପ୍ରାରମ୍ଭିକ ପ୍ରବାସକାରୀ ଯେ ହଜୁର [ସ.ଅ]ଙ୍କୁ ସ୍ୱୀକାର କରିଥିଲେ, ତାଙ୍କର ଜୀବନୀ ବର୍ଣ୍ଣନ କଲେ ।

ସେଥିଅନ୍ତେ ଅନସାରମାନଙ୍କର ଇସଲାମ ଧର୍ମ ସ୍ୱୀକାର କରିବା ଓ ହଜୁର [ସ.ଅ]ଙ୍କୁ ସାହାଯ୍ୟ ସହଯୋଗ କରିବାର ମଧ୍ୟ ଚର୍ଚ୍ଚା କଲେ । ପୁନଶ୍ଚ ଅନସାରମାନଙ୍କୁ ସମ୍ବୋଧିତ କରି କହିଲେ; ତୁମମାନଙ୍କ ମଧ୍ୟରୁ କେହି ହେଲେ ପ୍ରବାସକାରୀ ଓ ପ୍ରାରମ୍ଭିକ ସାହାବାମାନଙ୍କ ସମତୁଲ୍ୟ ନୁହନ୍ତି । ଆମମାନଙ୍କ ମଧ୍ୟରୁ ହିଁ ଅମିର ହେବେ ଏବଂ ତୁମମାନଙ୍କ ମଧ୍ୟରୁ କେବଳ ମନ୍ତ୍ରୀ ହୋଇପାରିବେ । କିନ୍ତୁ ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ତୁମମାନଙ୍କ ଠାରୁ ପରାମର୍ଶ ନିଆଯିବ । ଏପରିକି ଆମେ ତୁମମାନଙ୍କ ଅନୁପସ୍ଥିତିରେ କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ନିଷ୍ପତ୍ତି ଦେବୁ ନାହିଁ । ଆପଣ[ର.ଅ] କହିଲେ, ତୁମମାନଙ୍କୁ ଜ୍ଞାତ ଅଛି ହଜୁର[ସ.ଅ] କହିଥିଲେ; ଯଦି ଲୋକମାନେ ଗୋଟିଏ ଉପତ୍ୟାକାରେ ଗମନ କରନ୍ତି ଏବଂ ଅନସାରମାନେ ଆଉ ଏକ ଉପତ୍ୟାକାରେ ଗମନ କରନ୍ତି ତେବେ ମୁଁ ଅନସାରମାନଙ୍କ ଉପତ୍ୟାକାକୁ ଚୟନ କରିବି । ସେଥିଅନ୍ତେ ଆପଣ[ର.ଅ] ହଜରତ ସାଦ [ର.ଅ]ଙ୍କୁ ସମ୍ବୋଧିତ କରି କହିଲେ; ହେ ସାଦ ! କ'ଣ ତୁମକୁ ଜ୍ଞାତ ଅଛି ଯେ ତୁମେ ବସିଥିବା ଅବସ୍ଥାରେ ହଜୁର[ସ.ଅ] କହିଥିଲେ, ଯେ ଖିଲାଫତ୍‌ର ପ୍ରକୃତ ଉତ୍ତରାଧିକାରୀ କୁରୈଶମାନେ ହିଁ ଅଟନ୍ତି । ଏଥିରେ ହଜରତ ସାଦ[ର.ଅ] ଉତ୍ତର ଦେଲେ, ଆପଣ ସତ କହିଛନ୍ତି । ଆମମାନେ ମନ୍ତ୍ରୀ ଓ ଆପଣମାନେ ଅମିର ଅଟନ୍ତି ।

ଏହି ଆଲୋଚନା ଆସନ୍ତାରେ ମଧ୍ୟ ଜାରି ରହିବ । ହଜୁର ଅନଓ୍ୱର[ଅ.ବ] କହିଲେ; ବର୍ତ୍ତମାନ ବିଶ୍ୱର ପରିସ୍ଥିତି ଅତି ସଙ୍କଟାପନ୍ନ ରହିଛି । ତେଣୁ ଆପଣମାନଙ୍କୁ ମୁଁ ଦୁଆ କରିବାକୁ ଆହ୍ୱାନ ଜଣାଉଛି । ଯଦି ଏହି ଯୁଦ୍ଧ ଏହିପରି ବଢିଚାଲେ ତେବେ କେବଳ ଗୋଟିଏ ଦେଶ ନୁହେଁ ବରଂ ଅନେକ ଦେଶ ସମୂହ ଏଥିରେ ସମ୍ମିଳିତ ହୋଇଯିବେ । ଯଦ୍ୱାରା ତାହାର ପରିଣାମ ଅତି ବିପଦପୂର୍ଣ୍ଣ ଓ ସଙ୍ଗିନ ହୋଇଯିବ ଏବଂ ତାହାର ପ୍ରଭାବ ଆସନ୍ତା ପିଢୀ ମଧ୍ୟ ଭୋଗ କରିବେ । ପ୍ରଭୁ କରନ୍ତୁ ଏମାନେ ନିଜ ସ୍ରଷ୍ଟାଙ୍କୁ ଚିହ୍ନନ୍ତୁ ଏବଂ ନିଜ ସାଂସାରିକ କାମନା ପୂରଣ କରିବା ସକାଶେ ନିରୀହ ଜନସାଧାରଣଙ୍କ ଜୀବନ ସହିତ ଖେଳ ଖେଳନ୍ତୁ ନାହିଁ । ସେ ଯାହା ହେଉ ଆମେମାନେ ତ କେବଳ ଦୁଆ ହିଁ କରିପାରିବା ଏବଂ କରୁଛେ ମଧ୍ୟ । ଆମେମାନେ ସେମାନଙ୍କୁ ବୁଝାଉଛୁ ଏବଂ ଏକ ଦୀର୍ଘ ସମୟ ହେଲା ଏହି କାମ କରି ଆସୁଅଛୁ । ଏହି ଦିନମାନଙ୍କରେ ଅହେମଦିମାନଙ୍କୁ ବହୁତ ଦୁଆ କରିବା ଉଚିତ୍ । ଅଲ୍ଲାଃତାଲା ଯୁଦ୍ଧର ଉତ୍କଟ ପରିସ୍ଥିତି ଓ ତାହାର ଭୟଙ୍କର ବିଭୀଷିକାରୁ ମାନବ ଜାତିକୁ ଉଦ୍ଧାର କରନ୍ତୁ । ଆମିନ୍ ।

ଖୁତବାର ଶେଷ ପର୍ଯ୍ୟାୟରେ ହଜୁର ଅନଓ୍ୱର[ଅ.ବ] ଶ୍ରୀମାନ ଖୁଶି ମୁହମ୍ମଦ ଶାକିର ସାହେବ ପୂର୍ବତନ ମୁବଲ୍ଲିଗ୍ ସିଲସିଲା ସେରେଲିଓ୍ୱନ୍ ଓ ଗିନି କନାକରୀଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କଲେ ଏବଂ ତାଙ୍କ ନମାଜ ଜନାଯାଃ ଗାଏବ ପାଠ କରିବାର ଘୋଷଣା କଲେ । ବିଗତ ଦିନରେ ୬୯ବର୍ଷ ବୟସରେ ତାଙ୍କର ନିଧନ ହୋଇଛି । ଇନ୍ନା ଲିଲ୍ଲାହି ଓ୍ୱଇନ୍ନା ଇଲୈହି ରାଜେଉନ୍ । ମୃତକ ଜଣକ ଅତ୍ୟନ୍ତ ପୁଣ୍ୟବାନ, ସରଳ, ବିନମ୍ର, ଦୁଆକାରୀ, ଉପାସନାକାରୀ, ନିଷ୍ଠାପର, ନିସ୍ୱାର୍ଥପର, ଧର୍ମପ୍ରଚାରକ, ଦାନୀ ଓ ଖିଲାଫତ୍‌କୁ ଅତି ପ୍ରେମ କରୁଥିବା ମଣିଷ ଟିଏ ଥିଲେ । ହଜୁର ଅନଓ୍ୱର[ଅ.ବ] ବୈକୁଣ୍ଠରେ ତାଙ୍କର ସ୍ତର ଉର୍ଦ୍ଧ୍ୱଗାମୀ ହେବା ପାଇଁ ଦୁଆ ମଧ୍ୟ କଲେ ।

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।